ADFACTORS PR
Knowledge-driven communications

| Published Date: | 8 Sep 2018 | Publication: | Nitidina (Oriya) |
| --- | --- | --- | --- |
| Edition: | Bhubaneshwar | Page No: | 12 |
| MAV/CCM: | 5072/6.34 | Circulation: | 2000 |

# ଚିରଞ୍ଜୀବୀ ଓ ବେଦାଂଶ ଟିସିଏସ୍ ଆଇଟି ୱିଜ୍ ବିଜେତା



**ଭୁବନେଶ୍ୱର, ୭।୯/ଏନ୍ଏନ୍ଏସ୍:** ଟାଟା କନ୍ସଲଟାନ୍ସି ସର୍ଭିସେସ୍ ପକ୍ଷରୁ ଆଇଟି ୱିଜ୍ ୨୦୧୮ ଆୟୋଜିତ ହୋଇଯାଇଛି। ଆଞ୍ଚଳିକ ଫାଇନାଲରେ ଦେବପାହାଡ଼ ଇଂରାଜୀ ବିଦ୍ୟାଳୟର ଚିରଞ୍ଜୀବୀ ପ୍ରଧାନ ଓ ବେଦାଂଶ ପ୍ରଧାନ ଟାଇଟଲ୍ ବିଜୟୀ ହୋଇଛନ୍ତି। ପ୍ରଯୁକ୍ତି ଦକ୍ଷତାର ସଶକ୍ତୀକରଣର ବର୍ଦ୍ଧିତ ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ବାର୍ଷିକ ଜ୍ଞାନ କାର୍ଯ୍ୟକ୍ରମ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ହେଉଛି। ଚଳିତ ବର୍ଷର ଆଞ୍ଚଳିକ ଫାଇନାଲ୍ ବିଜେତାଙ୍କୁ ୬୦,୦୦୦ ଟଙ୍କାର ଗିଫ୍ଟ ଭାଉଚର୍ ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ୍ ଭାବେ ସାଇ ଇଣ୍ଟରନେସନାଲ ବିଦ୍ୟାଳୟ, ପଟିଆର ସ୍ୱସ୍ତିକ ଦାସ ଓ ପ୍ରିୟାଂଶୁ ମିଶ୍ର ୪୦,୦୦୦ ଟଙ୍କାର ଗିଫ୍ଟ ଭାଉଚର୍ ପୁରସ୍କାର ପାଇଛନ୍ତି। ୬ ଫାଇନାଲିଷ୍ଟଙ୍କୁ ବିଭିନ୍ନ ପ୍ରକାର ପୁରସ୍କାର ଯଥା ଜିମ୍ ବ୍ୟାଗ୍, ମଲ୍ଟି ଫଙ୍କସନ୍ ମ୍ୟାଜିକ୍ ଟର୍ଚ୍ଚ ସହିତ ବ୍ଲୁ ଟୁଥ୍ ସ୍ପିକର୍ ଓ ୱାୟରଲେସ୍ ଆଉଟ୍ଡୋର୍ ସ୍ପିକର୍ ସହିତ ଟିସିଏସ୍ ୫୦ ପେନ୍ ଡ୍ରାଇଭ୍ ଟିସିଏସ୍ ପକ୍ଷରୁ ପ୍ରଦାନ କରାଯାଇଛି। ବିଜେତାମାନେ ଜାତୀୟ ଫାଇନାଲରେ ସାରା ଭାରତର ଅନ୍ୟ ୧୧ଟି ଆଞ୍ଚଳିକ ଚାମ୍ପିଅନ୍ ସହିତ ଭୁବନେଶ୍ୱରର ପ୍ରତିନିଧିତ୍ୱ କରିବେ। ସମ୍ମାନିତ ଅତିଥି ଏସ୍ଟିପିଆଇ ନିର୍ଦ୍ଦେଶକ ମାନସ ରଂଜନ ପଣ୍ଡା, ଟିସିଏସ୍ ସେଣ୍ଟର୍ ଓଡ଼ିଶା ମୁଖ୍ୟ ମନୋଜ କୁମାର ପଣ୍ଡା ଏବଂ ଟିସିଏସ୍‌ର ଗ୍ଲୋବାଲ୍ ହେଡ୍ ଟ୍ୟାଲେଣ୍ଟ ଡେଭେଲପ୍‌ମେଣ୍ଟ ଉପସଭାପତି ଦାମୋଦର ପାଢ଼ୀ ପୁରସ୍କାରଗୁଡ଼ିକୁ ପ୍ରଦାନ କରିଥିଲେ।